# ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କୁ "ମହାପୁରୁଷ ଜଗନ୍ନାଥ ଦାସ" ସମ୍ମାନ

ଭୁବନେଶ୍ବର, ତା୧୭|୪ (ନି.ପ୍ର.) - ଆଧ୍ୟାତ୍ମିକ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରଥମ ମହାପୁରୁଷ ଜଗନ୍ନାଥ ଦାସ ସମ୍ମାନ ଯଶସ୍ବୀ ସାରସ୍ବତ ସାଧକ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କୁ ପ୍ରଦାନ କରାଯାଇଛି | ଆଜି ପୂର୍ବାହ୍ନରେ ହୋଟେଲ୍ ମେଫେୟାର୍‌ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ମାପଲ୍ ଓ ଡଃ ଡି. ଏନ୍. ରଥ ଫାଉଣ୍ଡେସନ୍ ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ସ୍ବରୂପ ନଗଦ ଏକଲକ୍ଷ ଟଙ୍କା, ମାନପତ୍ର ଓ ଉପଢୌକନ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ନୀଳମଣି ସାହୁ ଗୁରୁଜୀଙ୍କ ହସ୍ତରେ ପ୍ରଦାନ କରିଥିଲେ | ପୁରସ୍କାର ଗ୍ରହଣ କରି ଗୁରୁଜୀ କହିଲେ ଯେ ଆଧ୍ୟାତ୍ମିକତା କୌଣସି ବସ୍ତୁ ନୁହେଁ

**ଭୋଗ ନୁହେଁ, ତ୍ୟାଗ ହିଁ ଆଧ୍ୟାତ୍ମିକତାର ମୂଳମନ୍ତ୍ର**

କିମ୍ବା ଆଧ୍ୟାତ୍ମିକତା କେହି କାହାଠାରୁ ଜୋର୍ କରି ଛଡାଇ ଆଣିପାରିବ ନାହିଁ | ତ୍ୟାଗ ହିଁ ଆଧ୍ୟାତ୍ମିକତାର ମୂଳମନ୍ତ୍ର | ତ୍ୟାଗ ବିନା ଆଧ୍ୟାତ୍ମିକତା ଲାଭ କରିବା କିମ୍ବା ଏହା ଭିତରେ ପ୍ରବେଶ କରିବା କଷ୍ଟକର | ସେ କହିଲେ ଯେ ଲୋଭ ଆଧ୍ୟାତ୍ମିକତାର ପ୍ରଥମ ଶତ୍ରୁ | ବସ୍ତୁବାଦୀ ଏବଂ ଭୋଗବାଦୀ ଦୁନିଆ ଭିତରେ ରହି କେବଳ ଆଧ୍ୟାତ୍ମିକତା ଉପରେ ଭାଷଣ ଦିଆଯାଇପାରେ କିନ୍ତୁ ଏହାକୁ କୌଣସି ଭାବେ ନିଜର ଆତ୍ମା ଭିତରେ ପ୍ରବେଶ କରାଇବା କିମ୍ବା ଏହାର ମୂଳ ମଞ୍ଜିକୁ ଠାବ କରିବା ଅସମ୍ଭବ | କ୍ଷୁଦ୍ର ଜୀବନ ଭିତରେ ବ୍ରହ୍ମ ଏବଂ କାଳର ପ୍ରମୁଖ ଭୂମିକା ରହୁଥିବା ବେଳେ ଆମେ ଏହାକୁ ଚିହ୍ନିବାରେ ଅସମର୍ଥ ହେଉଛୁ | ବିଜ୍ଞାନକୁ ବିଶ୍ବାସ କରୁଥିବା ମଣିଷ ଆଧ୍ୟାତ୍ମିକତା ନେଇ ପ୍ରଶ୍ନ କରିବା ବେଳେ ସେ ଭୁଲି ଯାଉଛି ଯେ ବିଜ୍ଞାନ ଶବ୍ଦଟି ଆଧ୍ୟାତ୍ମିକତାରୁ ହିଁ ଆସିଅଛି | ଆଧ୍ୟାତ୍ମିକତା ନାମରେ ଯେଉଁମାନେ ସାମ୍ପ୍ରଦାୟିକତା ସୃଷ୍ଟି କରୁଛନ୍ତି ସେମାନେ ଜାଣି ରଖିବା ଉଚିତ୍ କି ଧର୍ମ ଏବଂ ଜାତିକୁ ନେଇ ହିଂସା ଆଚରଣ କରିବା ଅପେକ୍ଷା ଜୀବନ ସାହିତ୍ୟର ଉଚ୍ଚତର ସୀମାରେ ପହଞ୍ଚିପାରିଲେ ତାକୁ ହିଁ କୁହାଯିବ ଆଧ୍ୟାତ୍ମିକତା | ଏହି ଅବସରରେ ପୁରସ୍କାର ବାବଦରେ ତାଙ୍କୁ ପ୍ରଦାନ କରାଯାଇଥିବା ଏକ ଲକ୍ଷ ଟଙ୍କା ଭୁବନେଶ୍ବରର ବିଶିଷ୍ଟ ସମାଜସେବୀ ଶ୍ରୁତି ମହାପାତ୍ରଙ୍କ ଭିନ୍ନକ୍ଷମ ଅନୁଷ୍ଠାନକୁ ସେ ପ୍ରଦାନ କରିଦେଇଥିବା ଗୁରୁଜୀ ଘୋଷଣା କରିଥିଲେ| ବିଶିଷ୍ଟ ସହିତ୍ୟିକ ସାତକଡି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ବତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର୍ ରାଜକିଶୋର ମିଶ୍ର କହିଲେ ଯେ ଯୁଗେ ଯୁଗେ ସିଦ୍ଧ ସାଧକମାନେ ଭାରତୀୟ ଆଧ୍ୟାତ୍ମିକ ଭଣ୍ଡାରକୁ ସମୃଦ୍ଧ କରିଆସୁଛନ୍ତି | ଏ ଦିଗରେ ସମ୍ପ୍ରତି ଅଲୋକର ବାର୍ତ୍ତାବହ ସାଜି ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ଯେଉଁସବୁ ଉଚ୍ଚାଙ୍ଗ ଆଧ୍ୟାତ୍ମିକ ସାହିତ୍ୟ ରଚନା କରିଛନ୍ତି, ତାହା ତାଙ୍କର ସାଧନା ଏବଂ ପ୍ରତିଭା ଦ୍ବାରା ପରିପୁଷ୍ଟ ହୋଇଛି | ଦିଗଭ୍ରଷ୍ଟ ମାନବ ସମାଜକୁ ଏହା ସତ୍‌ମାର୍ଗରେ ପରିଚାଳିତ କରିବା ସହ ଆଧ୍ୟାତ୍ମିକ ଜଗତର ଅନେକ ଅଜ୍ଞାତ ରହସ୍ୟକୁ ଉନ୍ମୋଚିତ କରିଛି | ବିଶିଷ୍ଟ ସହିତ୍ୟିକ ମହାପାତ୍ର ନୀଳମଣି ସାହୁ ଏହି ପୁରସ୍କାର ଗୁରୁଜୀଙ୍କୁ ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେ କରି କହିଲେ ଯେ ଓଡିଆ ଭକ୍ତି ଏବଂ ଆଧ୍ୟାତ୍ମିକ ସାହିତ୍ୟ କ୍ଷେତ୍ରରେ ଏବେ ଏକ ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି | ଶିରିଡି ସାଇବାବା ଏବଂ ଗୁରୁଜୀଙ୍କ ସମ୍ପର୍କରେ ତାଙ୍କର କେତେକ ଅନ୍ତରଙ୍ଗ ଅନୁଭୂତି ଏହି ଅବସରରେ ସେ ପ୍ରକାଶ କରିଥିଲେ | ସଭାପତି ଅଭିଭାଷଣ ଦେଇ ବରିଷ୍ଠ ସାହିତ୍ୟିକ ସାତକଡି ହୋତା କହିଲେ ଯେ ଓଡିଶାରେ ଆଧ୍ୟାତ୍ମିକ ସାହିତ୍ୟିକୁ ପୁରସ୍କାର ଦେବା ପାଇଁ ଏହି ଯେଉଁ ନୂତନ ପରମ୍ପରା ଆରମ୍ଭ ହେଲା ଏହା ଓଡିଆ ସାହିତ୍ୟ ଜଗତରେ ଆଉ ଏକ ନୂଆ ଅଧ୍ୟାୟ ସଂଯୋଗ କରିବ | ପ୍ରାରମ୍ଭରେ ମ୍ୟାପଲ୍ ଓ ଡଃ ଡି.ଏନ୍. ରଥ ଫାଉଣ୍ଡେସନ ର ମ୍ୟାନେଜିଂ ଟ୍ରଷ୍ଟି ଶିଷକ ରଥ ସ୍ବାଗତ ଭାଷଣ ଦେଇ ତାଙ୍କ ପିତା ସ୍ବର୍ଗତଃ ଡି. ଏନ୍. ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାପିତ ଏହି ପୁରସ୍କାର ଦୀର୍ଘ ୩୦ ବର୍ଷର ଯୋଜନା ବୋଲି ଉଲ୍ଲେଖ କରି ଶେଷରେ ତାହା ସାକାର ହୋଇଛି ବୋଲି କହିଥିଲେ | ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନ୍‌ର ଟ୍ରଷ୍ଟି ଶ୍ରୀମତି ଦୀପା ପାଢୀ, ଜୟନ୍ତୀ ରଥ ପ୍ରମୁଖ ମଞ୍ଚାସୀନ ଥିଲେ | ଏହି ସାରସ୍ବତ ଉତ୍ସବରେ ଓଡିଶାର ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ବୁଦ୍ଧିଜୀବୀ, କଳାକାର ତଥା ଶିକ୍ଷାବିତ୍ ଯୋଗଦେଇଥିବାବେଳେ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଓଡିଶା ହାଇକୋର୍ଟର ଅତିରିକ୍ତ ବିଚାରପତି ବୀରକିଶୋର ମିଶ୍ର, ବିଶିଷ୍ଟ କବି ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ଡଃ ହରପ୍ରସାଦ ଦାସ, ପୂର୍ବତନ ମୁଖ୍ୟ ଶାସନ ସଚିବ ସୁଧାଂଶୁ ଭୂଷଣ ମିଶ୍ର, ରବିନାରାୟଣ ଦାସ, ଡି.ଏନ୍. ପାଢୀ, ସଂଗୀତ ନିର୍ଦ୍ଦେଶକ ପ୍ରଣବ ପଟ୍ଟନାୟକ, "ସମାଜ" ର ମୁଖ୍ୟ ପ୍ରଶାସକ ଉମାଚରଣ ନାୟକ, କାର୍ଯ୍ୟକାରୀ ସମ୍ପାଦକ ଡଃ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ | ପ୍ରାରମ୍ଭରେ ଶାନ୍ତନୁ ଶତପଥୀ ଜଗନ୍ନାଥ ସ୍ତବକ ପରିବେଷଣ କରିଥିବା ବେଳେ ନାଜିଆ ଆଲମ୍ ସାଇ ଭଜନ ଏବଂ ମୀନତି ଭଞ୍ଜ ଗୁରୁ ଭାଗବତର କିଛି ପଂକ୍ତି ଗାଇଥିଲେ |



Source: THE SAMAJA(18$^{th}$ April 2011)